## ବିଭିନ୍ନ ପ୍ରକଳ୍ପର ଭୂମିପୂଜନ ଓ ଉଦ୍‌ଘାଟନ



ଖମାର,୧୬।୫(ସମିସ): ପାଲଲହଡ଼ା ବ୍ଲକ ରଜଡଙ୍ଗ ପଞ୍ଚାୟତରେ ପାଲଲହଡ଼ା ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ଦ୍ୱାରା ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ ଓ ଶୁଭ ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୧୦ ଲକ୍ଷ ଟଙ୍କାରେ ନିର୍ମିତ ପଞ୍ଚାୟତ ସୁବିଧା କେନ୍ଦ୍ର, ୪ ଲକ୍ଷ ୫୦ ହଜାର ଟଙ୍କାରେ ଭୋଗ ମଣ୍ଡପ, ୧ ଲକ୍ଷ ୩୦ ହଜାର ଟଙ୍କାରେ ନିର୍ମିତ ଥଣ୍ଡା ପାନୀୟଜଳ ପ୍ରକଳ୍ପର ଉଦଘାଟନ କରିଥିବାବେଳେ ୬ ଲକ୍ଷ ୪୦ ହଜାର ଟଙ୍କା ବିନିମୟରେ ନିର୍ମିତ ହେବାକୁ ଥିବା ଗୋଷ୍ଠୀ କେନ୍ଦ୍ରଗୃହ ଓ ବଡ଼ଗୁଣ୍ଡଠାରେ ୫ ଲକ୍ଷ ୬୦ ହଜାର ଟଙ୍କା ବିନିମୟରେ ନିର୍ମିତ ହେବାକୁ ଥିବା ପକ୍କାରାସ୍ତାର ଭୂମିପୂଜନ କାର୍ଯ୍ୟକ୍ରମ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ତଥା ଗ୍ରାମର ବିକାଶ ପାଇଁ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଆଗକୁ ଆସି ସହଯୋଗ କରିବାକୁ ବିଧାୟକ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ରଜଡ଼ଙ୍ଗ ସରପଞ୍ଚ ଦିବ୍ୟା ଭାରତୀ ସାମଲ, ସମିତିସଭ୍ୟ ପ୍ରଦୀପ କୁମାର ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ପ୍ରମୋଦ କୁମାର ସ୍ୱାଇଁ ଓ ବିଭାଗୀୟ ଅଧିକାରୀ, ବିଜେପି ଜିଲ୍ଲା ସମ୍ପାଦକ ପ୍ରହ୍ଲାଦ ସାମଲ, ସରୋଜ ସାହୁ, ଡିଲେଶ୍ୱର ବେହେରା, ଶୁଭସ୍ମିତା ଜେନା ଓ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

## ଛଟେଇ ପ୍ରତିବାଦରେ ବିଦ୍ୟୁତ କର୍ମଚାରୀ ସଂଘର ଦାବିପତ୍ର



ବଅଁରପାଲ,୧୬।୫(ସମିସ): ଟାଟା ପାୱାରର କଷ୍ଟ କଟିଙ୍ଗ ଭଳି ଶ୍ରମିକ ମାରଣ ନୀତି କରି ଠିକା କର୍ମଚାରୀମାନଙ୍କୁ ଛଟେଇ କରୁଥିବାରୁ ଏହାର ପ୍ରତିବାଦରେ ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ, ଚାଇଁପାଳ ଶାଖାର ସମ୍ପାଦକ ବିକାଶ ସାହୁଙ୍କ ନେତୃତ୍ୱରେ ଡିଭିଜନ ମିଡ଼ିଆ ସେଲ ସଂଯୋଜକ ଶିବାଜିରାଜ ପାଣି, ସହ- ସମ୍ପାଦକ ରଂଜିତ ବେହେରା, ଉପଖଣ୍ଡ ସମ୍ପାଦକ ରାଜେଶ ନାହାକ, ଗୁରୁଦେବ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦିଆ ଯାଇଥିବା ୪ ଦଫା ଦାବି ସମ୍ବଳିତ ଦାବିପତ୍ର ଓ ଆନ୍ଦୋଳନର ସୂଚୀପତ୍ରର ନକଲ ଚାଇଁପାଳ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ପବିତ୍ର ମୋହନ ସାହୁଙ୍କୁ ପ୍ରଦାନ କରିଛନ୍ତି । ଟାଟା ପାୱାର ଯଦି ନିଜ ଜିଦିରେ ଅଟଳ ରହି ଶ୍ରମିକ ଛଟେଇରୁ ବିରତ ନରହେ ତେବେ ଭବିଷ୍ୟତରେ କିଛି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ଉକ୍ତ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ।

## ଠାକୁରଗଡ଼ ଥାନାରେ ନୂତନ ଆଇଆଇସି



କିଶୋରନଗର,୧୬।୫(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନାରେ ନୂତନ ଆଇଆଇସି ଭାବେ ଶ୍ୟାମଲାଲ୍ ଓରାମ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶ୍ରୀ ଓରାମ ପୂର୍ବରୁ ଅତିରିକ୍ତ ତାଳଚେର ଥାନା ଅଧିକାରୀ ଦାୟିତ୍ୱରେ ଥିଲେ । ଏହି ଥାନାରେ ଥିବା ଶଶୀଭୂଷଣ ବେହେରାଙ୍କ ତାଳଚେର ଥାନାକୁ ବଦଳି ହୋଇଛି ।

## ସର୍ପାଘାତରେ ଜଣେ ମୃତ

କଣିହାଁ,୧୬।୫(ସମିସ): କଣିହାଁ ବ୍ଲକ ସମଲ ଥାନା ପରାବିଲ ଗ୍ରାମର ବିନୋଦ ବିଶ୍ୱାଳଙ୍କ ଶୁକ୍ରବାର ରାତିରେ ସର୍ପାଘାତରେ ମୃତ୍ୟୁ ଘଟିଛି । ବିଳମ୍ବିତ ରାତିରେ ତାଙ୍କୁ ଘରେ ଏକ ଚିତି ସାପ କାମୁଡି ଥିଲା । ରାତିରେ ଗୁରୁତର ହେବାରୁ ପ୍ରଥମେ ଖମାର ପରେ ଅନୁଗୋଳ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇ ଚିକିତ୍ସା କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ଘଟିଛି ।

## ଅନୁଗୋଳ ବଜାରରେ ଇଭି ସ୍କୁଟର ମୂଲ୍ୟ ବୃଦ୍ଧି

ଅନୁଗୋଳ,୧୬।୫(ସମିସ): ତୈଳ ସଂକଟ ବେଳେ ଅନୁଗୋଳ ବଜାରରେ ଇଭି ଗାଡିର ମୂଲ୍ୟ ବୃଦ୍ଧି ହୋଇଛି । ଗୁରୁବାର ଠାରୁ ଟିଭିଏସ୍ ଇଭି ସ୍କୁଟର-୦.୯ ମଡେଲକୁ ବାଦ ଦେଲେ ଅନ୍ୟ ସମସ୍ତ ଟିଭିଏସ୍ ଇଭି ସ୍କୁଟର ଗୁଡିକ ମୂଲ୍ୟରେ ୧ହଜାର ଟଙ୍କା ବୃଦ୍ଧି ହୋଇଥିବା ଜଣାପଡ଼ିଛି । ଇନ୍ଧନ ସଂକଟ ମଧ୍ୟରେ ଲୋକଙ୍କ ମନରେ ଛନକା ପଶିଥିବା ବେଳେ ବର୍ତ୍ତମାନ ଇଭି ମୂଲ୍ୟରେ ବୃଦ୍ଧି ଅଧିକ ଚିନ୍ତା ବଢ଼ାଉଛି ।

## ଅଘୋଷିତ ବିଜୁଳି କାଟ୍; ଲୋକେ ହନ୍ତସନ୍ତ

କଣିହାଁ/ପବିତ୍ରନଗର,୧୬।୫(ସମିସ): କଣିହାଁ ବ୍ଲକ ପରାବିଲ ଇଲେକ୍ଟ୍ରି ସେକ୍ସନ ଅଂଚଳରେ ଅଘୋଷିତ ଓ ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଲୋକେ ନାହିଁ ନଥିବା ହୀନସ୍ତା ହେଉଛନ୍ତି । ଅସହ୍ୟ ଗ୍ରୀଷ୍ମରେ ଲୋକେ ଛଟପଟ ହେଉଥିବା ବେଳେ ଘନ ଘନ ବିଜୁଳି କାଟ୍‌କୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଗ୍ରୀଷ୍ମ ଋତୁରେ ବିଜୁଳି କଟିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କିଛିଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ କହିବା ପରେ ଜନସାଧାରଣ ଆଶ୍ୱସ୍ତ ହୋଇଥିଲେ । ମାତ୍ର ଏହାକୁ ଫୁଁ' କରି ଉଡ଼ାଇ ଦେଇଛି ବିଭାଗ । ଦିନ ଦିପହରେ ବର୍ଷା ପବନ କିଛି ନଥାଇ ବି ବିଜୁଳି କାଟ୍ ହେଉଛି । ଏନେଇ ଫୋନ୍ କଲେ ମଧ୍ୟ ଅଫିସରମାନଙ୍କ ମୋବାଇଲ୍ ସୁଇଚ୍ ଅଫ୍ ରହୁଥିବାରୁ ଯୋଗାଯୋଗ ହୋଇପାରୁନାହିଁ । ତେଣୁ ପବିତ୍ରନଗର ଅଞ୍ଚଳବାସୀ ଏବେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି ।

### କଣିହାଁ କୋଇଲା ଖଣି ବିସ୍ଥାପିତଙ୍କ ସମସ୍ୟା ସୁଧୁରୁନି

# ଆନ୍ଦୋଳନ ଚେତାବନୀ ଦେଲା କଂଗ୍ରେସ

କଣିହାଁ,୧୬।୫(ସମିସ):



ଅନୁଗୋଳ ଜିଲ୍ଲା କଣିହାଁଠାରେ ଥିବା ଓପନ କାଷ୍ଟ କୋଇଲା ଖଣି ଯୋଗୁଁ ବିସ୍ଥାପିତ ହୋଇଥିବା କ୍ଷତିଗ୍ରସ୍ତମାନେ ଦୀର୍ଘବର୍ଷ ପରେ ମଧ୍ୟ ନ୍ୟାୟ ପାଇ ନଥିବାରୁ ଏ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ କଣିହାଁ କୋଇଲା କ୍ଷେତ୍ର ମହାପ୍ରବନ୍ଧକଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ଦଳ ପକ୍ଷରୁ ବିଭାଗୀୟ ଖଣି କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇ କୁହାଯାଇଛି ଆଗାମୀ ୭ ଦିନ ମଧ୍ୟରେ ୬ ଦଫା ସମ୍ବଳିତ ଦାବି ପୂରଣ ନହେଲେ ଏ ନେଇ ବ୍ୟାପକ ଆନ୍ଦୋଳନ କରାଯିବ । ଶନିବାର ଦିନ ଅନୁଗୁଳ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି କଣିହାଁ କୋଇଲା କ୍ଷେତ୍ରର ମହା ପ୍ରବନ୍ଧକ ଶ୍ରୀ ନରେଶ ସିଂହଙ୍କୁ ଭେଟି ୬ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛି । ପ୍ରତିନିଧି ଦଳରେ ରାଜ୍ୟ କଂଗ୍ରେସର ବରିଷ୍ଠ ମୁଖପାତ୍ର ଜଗଦାନନ୍ଦ ପ୍ରଧାନଙ୍କ ସମେତ କଂଗ୍ରେସ ପ୍ରତିନିଧି ଦଳର ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ମାରକ ପତ୍ରରେ ଅଭିଯୋଗ କରାଯାଇଛି ଯେ, କଣିହାଁଠାରେ କୋଇଲା ଖଣି ପ୍ରତିଷ୍ଠା ହେବା ପରଠାରୁ ସ୍ଥାନୀୟ ଅଞ୍ଚଳରେ ପୋଖରୀ ଓ ଖୋଲା କୂପଗୁଡ଼ିକ କୋଇଲା ଖଣିର ଦୂଷିତ ଧୂଆଁଧୂଳିରେ ବିଷାକ୍ତ ହୋଇ ପଡିଛି । ବ୍ୟାପକ ପ୍ରଦୂଷଣ ସହ ଏଠାରେ ଲୋକମାନେ ବିଭିନ୍ନ ଦୂରାରୋଗର ପଡୁଛନ୍ତି । କୋଇଲା ଖଣି ପ୍ରତିଷ୍ଠା ହେବାର ଦୀର୍ଘବର୍ଷ ପରେ ମଧ୍ୟ ଲୋକମାନେ ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣରୁ ବଞ୍ଚିତ । ସ୍ଥାନୀୟ ଅଂଚଳର ଶହଶହ କ୍ଷତିଗ୍ରସ୍ତ ଯୁବକ/ଯୁବତୀ ବେକାର ହୋଇ ବସିଛନ୍ତି । ତେଣୁ ସମସ୍ତ ବେକାର ଯୁବକ/ଯୁବତୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ସୁବିଧା ଯୋଗାଇବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ବିସ୍ଥାପିତ ଓ ପ୍ରଭାବିତ ଲୋକଙ୍କୁ କୋଇଲା ଖଣି ଓ ସାଇଲୋରେ ନିୟମିତ ଏବଂ ଠିକା କାର୍ଯ୍ୟରେ ନିଯୁକ୍ତି ସୁବିଧା ଯୋଗାଇ ଦେବାକୁ ଦାବି କରାଯିବା ସହ ଆରଆଣ୍ଡଆର, ୨୦୧୩ ପଲିସି ଅନୁଯାୟୀ କ୍ଷତିପୂରଣ ଓ ଥଇଥାନ ବ୍ୟବସ୍ଥା କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି । ଅନ୍ୟ ଦାବିଗୁଡିକ ହେଲା କୋଇଲା ଖଣି ଅଂଚଳର କ୍ଷତିଗ୍ରସ୍ତ ଲୋକମାନଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ନିମନ୍ତେ କଣିହାଁଠାରେ ଏକ ଉନ୍ନତମାନର ମଲ୍ଟି ସ୍ପେସିଆଲିଟି ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ, ସ୍ଥାନୀୟ ଅଞ୍ଚଳରେ ଗମନାଗମନ ପାଇଁ ପକ୍କା ସଡ଼କ ସହ ଲୋକଙ୍କୁ ପାଇପ ଯୋଗେ

### କୋଇଲା କ୍ଷେତ୍ର ମହାପ୍ରବନ୍ଧକଙ୍କୁ ଦାବିପତ୍ର

ପାନୀୟ ଜଳ ଯୋଗାଣ, ଡିଏଭି ସ୍କୁଲ ସ୍ଥାପନ ଆଦି ଦାବି ରହିଛି । ପ୍ରତିନିଧି ଦଳରେ ଜିଲ୍ଲା କଂଗ୍ରେସ ସଭାପତି ସୁନୀଲ କୁମାର ପ୍ରଧାନ ଓ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଅନୁଗୁଳ ଜିଲ୍ଲା କଂଗ୍ରେସ ଉପସଭାପତି କୁଶଧ୍ୱଜ ସାମଲ, ଦୁଃଖବନ୍ଧୁ ନାଏକ, ଯୋଗୀନାଥ ସାହୁ, ବିରଞ୍ଚି ବେହେରା, ଦାରୋଗା ନାଏକ, ମିଡିଆ ସେଲର ପ୍ରତାପ ଶତପଥୀ, ରାଜ୍ୟ ଏସ୍‌ସି ସେଲ ଉପ ସଭାପତି ମାଣିକ ପ୍ରଭା, ଏନ୍‌ଏସ୍‌ୟୁଆଇ ଉପସଭାପତି ସୁଶ୍ରୀ ବେହେରା, ଶିବରାମ ଦାଶ, ମିଟୁ ସାହୁ ପ୍ରମୁଖ ବ୍ଲକର ଅନେକ କାର୍ଯ୍ୟକର୍ତ୍ତା ପ୍ରମୁଖ ସାମିଲ ଥିଲେ ।

### ପେଟ୍ରୋଲ୍ ପମ୍ପରେ ଭିଡ଼

## ଲୋକେ ହନ୍ତସନ୍ତ; ଟାଙ୍କି ମାଲିକ ଉତ୍ସାହିତ



ତାଳଚେର,୧୬।୫(ସମିସ): ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ତୈଳ ମହଜୁଦ ରହିଥିବା କହୁଥିବା ବେଳେ ଏପଟେ ତାଳଚେର ଅଂଚଳରେ ରହିଥିବା ସମସ୍ତ ଟାଙ୍କିରେ ଗ୍ରାହକଙ୍କ ଲମ୍ବାଧାଡ଼ି ଲାଗି ରହିଛି । କେନ୍ଦ୍ର ସରକାର ପ୍ରେଟ୍ରୋଲ ଦର ଲିଟର ପ୍ରତି ୩.୩୯ପଇସା ବୃଦ୍ଧି କରିଥିବା ବେଳେ ଡିଜେଲ ୩.୨୩ ପଇସା ବୃଦ୍ଧି କରିଛନ୍ତି । ତଥାପି ଯୋଗାଣମନ୍ତ୍ରୀ କହିବା ଅନୁଯାୟୀ ତୈଳ ସାମଗ୍ରୀ ଯଦି ଗଚ୍ଛିତ ରହିଛି ତେବେ ଟାଙ୍କି ଗୁଡ଼ିକରେ କାହିଁକି ଶହଶହ ଗାଡ଼ିମଟର ଲମ୍ବାଲାଇନ୍ କରି ୪୨ ଡିଗ୍ରୀ ଖରାରେ ଅପେକ୍ଷା କରୁଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ପ୍ରଶାସନିକ ସ୍ତରରେ କେଉଁ ଗାଡ଼ିକୁ କେତେ ତେଲ ଦିଆଯିବ ନିୟମ କରାଯାଇ ନଥିବା ବେଳେ ଆଜି ତାଳଚେର ବାଙ୍କଧରା ଛକ ପେଟ୍ରୋଲ ପମ୍ପରେ ବାଇକ୍‌କୁ ଶହେ ଟଙ୍କା ଲେଖାଏଁ ଓ ଟ୍ରକକୁ ୨୫ରୁ ୪୦ଲିଟର ତେଲ ଦେଉଥିବା ବେଳେ ଗ୍ରାହକମାନେ ଅସନ୍ତୁଷ୍ଟ ହେବା ସହିତ ବାଙ୍କଧରା ଛକଟି ଏପରିକି ୧୪୯ ନଂ ଜାତୀୟ ରାଜପଥ ଜାମ ରହିଥିବା ଅଭିଯୋଗ ହୋଇଥିଲା । ତାଳଚେର ଉପ ଜିଲ୍ଲାପାଳ ଆଶିଷ ରଞ୍ଜନ ସାହୁ ଜାଣିବାପରେ ତୁରନ୍ତ ତାଳଚେରଥାନାକୁ ଜଣାଇଥିଲେ । ଘଟଣା ସ୍ଥଳରେ ପୁଲିସ୍ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା । ସେହିପରି ଅନ୍ୟ ଟାଙ୍କି ଗୁଡ଼ିକ ମଧ୍ୟ ଏକା ଅବସ୍ଥା । ତାଳଚେର ସହର ସମେତ ଏହାର ଆଖାପାଖ ଅଞ୍ଚଳରେ ୧୬ଟି ତେଲଟାଙ୍କି ରହିଛି । ପୂର୍ବରୁ ଏହି ଟାଙ୍କି ଗୁଡ଼ିକରୁ ଦୈନିକ ପେଟ୍ରୋଲ ଅପେକ୍ଷା ଡିଜେଲ ଅଧିକ ବିକ୍ରି ହୋଇଥାଏ । କାରଣ ତାଳଚେର ଏକ ଖଣିଖାଦାନ ଅଞ୍ଚଳ ହୋଇଥିବାରୁ ଏଠାରୁ ଦୈନିକ ଶହଶହ ଭାରୀଯାନ ଚଳାଚଳ କରିଥାଏ । ମାତ୍ର ତୈଳ ସଙ୍କଟ ଦେଖାଦେବା ଯୋଗୁଁ ଟ୍ରକ, ବସ୍, ଆମ୍ବୁଲାନ୍ସ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିପ୍ରତି ସ୍ଥାନୀୟ ଯୋଗାଣ ବିଭାଗ ଯତ୍ନବାନ ରହିବାକୁ ଦାବି ହେଉଛି । ଯଦି ତେଲ ମହଜୁଦ ଅଛି ତେବେ ଟାଙ୍କି ମାଲିକ କୃତ୍ରିମ ଅଭାବ ସୃଷ୍ଟି କରି ମାଲାମାଲ୍ ହେଉ ନାହାନ୍ତି ତ?

## କିନ୍ନର ପାଳିଲେ ସାବିତ୍ରୀ ବ୍ରତ



ଅନୁଗୋଳ,୧୬।୫(ସମିସ): ସାଧାରଣ ମହିଳାଙ୍କ ଭଳି କିନ୍ନର ସମ୍ପ୍ରଦାୟ ମଧ୍ୟ ସାବିତ୍ରୀ ବ୍ରତ ପାଳନ କରିଛନ୍ତି । କିନ୍ନର ସମ୍ପ୍ରଦାୟ ଆଜି ଦିନରେ ନିଜ ଗୁରୁଙ୍କୁ ମା' ବୋଲି ଭାବି ବ୍ରତ କରିଥାନ୍ତି । ଏହି କ୍ରମରେ ଅନୁଗୋଳ ଜିଲ୍ଲା କିନ୍ନର ସମ୍ପ୍ରଦାୟ ସଦସ୍ୟ ନୂତନ ପୋଷାକ ପରିଧାନ କରିବା ସହ ସଜେଇ ହୋଇ ଏକତ୍ରିତ ଭାବେ ଏହି ବ୍ରତ ପାଳିଛନ୍ତି । ସକାଳୁ କିନ୍ନରମାନେ ଆମ୍ବ, ପଣସ, ସପୁରି ଆଦି ବିଭିନ୍ନ ଫଳ ସହ ଶାଢ଼ି, ଚୁଡ଼ି, ସିନ୍ଦୂର ଆଦି ସାଙ୍ଗରେ ନେଇ ପହଞ୍ଚିଥିଲେ ଶିମିଳିପଡ଼ା ସ୍ଥିତ ପୋଖରୀ କୂଳରେ ଥିବା ତାରିଣୀ ପୀଠର ଏକ ବରଗଛ ମୂଳରେ । ସେଠାରେ ପୂଜାର୍ଚ୍ଚନା କରିଥିଲେ । ପରେ ଗୁରୁଙ୍କ ପାଦ ଛୁଇଁ ଆଶୀର୍ବାଦ ନେବା ସହ ଗୁରୁଙ୍କ ପାଦୁକା ପାନ କରିବା ପରେ ପ୍ରସାଦ ସେବନ କରିଥିଲେ । କିନ୍ନରମାନେ ନିଜ ଘର ଛାଡ଼ି ବାହାରକୁ ଚାଲିଆସିଥିବାରୁ ଗୁରୁ ହିଁ ସେମାନଙ୍କ ପାଇଁ ବାପା, ମା, ସ୍ୱାମୀ ସବୁକିଛି । ତେଣୁ ତାଙ୍କ ପାଇଁ ବ୍ରତ ପାଳନ କରୁଥିବା ଭାନୁପ୍ରିୟା, ପାର୍ବତୀ, ସୁହାନି ଓ ପ୍ରିୟା କିନ୍ନର କହିଛନ୍ତି । ଏଥିରେ ପଦ୍ମିନୀ କିନ୍ନର, ଫୁଲ କିନ୍ନର, ପାରୋ କିନ୍ନର ଓ ଅନ୍ୟ ସହଯୋଗୀ ମାନେ ସାମିଲ୍ ଥିଲେ ।



## ଭଙ୍ଗା ଦଦରା ଘରେ ବିତୁଛି ସାବିତ୍ରୀଙ୍କ ଜୀବନ



କିଶୋରନଗର,୧୬।୫(ସମିସ): ଆଜି ହେଉଛି ସାବିତ୍ରୀ ବ୍ରତ ଏହି ସାବିତ୍ରୀ ବ୍ରତରେ ସାବିତ୍ରୀଙ୍କ ଜୀବନ ବିତୁଛି ବରଡ଼ା ଛାଉଣୀ ଦଦରା ଘରେ । ଏଭଳି ଘଟଣା ଦେଖିବାକୁ ମିଳିଛି ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ଅଖରକଟା ଗ୍ରାମରେ । ଗ୍ରାମର ସାବିତ୍ରୀ ବେହେରା ତାଙ୍କ ସ୍ୱାମୀ ବୀରବର ବେହେରା(୬୨) । ସେ ଦିନ ମଜୁରିଆ ଭାବେ କାମ କରନ୍ତି । ମଜୁରୀ ଲାଗିଲେ ଚୁଲି ଜଳେ । ସେ ମଧ୍ୟ ତିନି ମାସ ହେବ ଭତ୍ତା ଆବେଦନ କରିଛନ୍ତି । କିନ୍ତୁ ଏ ପର୍ଯ୍ୟନ୍ତ ଭତ୍ତା ପାଇବାରୁ ବଞ୍ଚିତ । ନେତା ଭୋଟ ବେଳେ ଆସନ୍ତି ମଧୁର କଥା କହି ଭୋଟ ହାତେଇଥାନ୍ତି. । ସ୍ୱାର୍ଥ ହାସଲ ପରେ କେହି ଚିହ୍ନନ୍ତି ନାହିଁ । ସେ ଖରା, ବର୍ଷା, ଶୀତ କାକରରେ ବରଡ଼ା ଛାଉଣୀ ଘରେ ଦିନ କାଟୁଛନ୍ତି । ଏଥି ପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ଏସ୍‌ଆଇଆର୍ ସମ୍ପର୍କରେ ରାଜନୈତିକ ଦଳମାନଙ୍କ ସହ ବୈଠକ

ଅନୁଗୋଳ,୧୬।୫(ସମିସ): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ସମ୍ପର୍କରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକଦଳମାନଙ୍କ ସହ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ



ଅନୁଷ୍ଠିତ ହୋଇଥିଲା । ବୁଥ ସ୍ତରୀୟ ଅଧିକାରୀ ଓ ବୁଥ ସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଏବଂ ସ୍ୱଚ୍ଛ ଓ ନିରପେକ୍ଷଭାବେ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ରାଜନୈତିକ ଦଳମାନଙ୍କୁ ମୃତ, ସ୍ଥାନାନ୍ତରିତ ଓ ଡୁପ୍ଲିକେଟ୍ ଭୋଟରଙ୍କ ଚିହ୍ନଟରେ ସହଯୋଗ କରିବା ସହିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେବାକୁ ଅନୁରୋଧ କରାଯାଇଥିଲା । ସର୍ବଶେଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କୁ ସେମାନଙ୍କର ବୁଥ୍‌ସ୍ତରୀୟ ପ୍ରତିନିଧି ନିଯୁକ୍ତି କରିବାକୁ ଅନୁରୋଧ କରିଥିଲେ ।

## ଷ୍ଟେସନରୁ ବୃଦ୍ଧ ନିଖୋଜ



ବଇଣ୍ଡା,୧୬।୫(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଧୂଣ୍ଡି ଗ୍ରାମର ହାଡିବନ୍ଧୁ ପଲେଇ (୮୭) ନାମକ ଜଣେ ବୃଦ୍ଧ ଆଗ୍ରା କ୍ୟାମ୍ପ ରେଳ ଷ୍ଟେସନଠାରେ ନିଖୋଜ ହୋଇ ଯାଇଥିବା ତାଙ୍କ ପରିବାର ପକ୍ଷରୁ ଶୁକ୍ରବାର ହଣ୍ଡପା ଥାନାରେ ଅଭିଯୋଗ ହୋଇଛି । ପୁଲିସ ଏକ ମାମଲା ରୁଜୁ କରିଛି । ଘଟଣାରୁ ଜଣା ପଡ଼ିଛି ଯେ, ବଇଣ୍ଡା ଠାରେ ଥିବା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବଇଣ୍ଡା ଶାଖା ପକ୍ଷରୁ ମାଉଣ୍ଟ ଆବୁଠାରେ ହେବାକୁ ଥିବା ଶିବିରରେ ଯୋଗ ଦେବାକୁ ହାଡିବନ୍ଧୁ କିଛି ସହଯୋଗୀଙ୍କ ସହ ଟ୍ରେନରେ ଯାଇଥିଲେ । ହେଲେ ଆଗ୍ରାକ୍ୟାମ୍ପ ଷ୍ଟେସନଠାରେ ସେ ଟ୍ରେନ୍‌ରୁ ନିଖୋଜ ହୋଇଯାଇଥିଲେ । ତାଙ୍କୁ ତାଙ୍କ ସହଯୋଗୀମାନେ ଖୋଜାଖୋଜି କରି ନପାଇବାରୁ ତାଙ୍କ ପୁଅ ଗୋକୁଳା ନନ୍ଦ ପଲେଇ ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି ।

### ଏମ୍‌ସିଏଲ୍ ସିଏମ୍‌ଡିଙ୍କ ସହ କଥାହେଲେ ସାଂସଦ

# କୋଇଲା ଖଣି କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ ଦାବି

ଅନୁଗୋଳ,୧୬।୫(ସମିସ):



ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଶନିବାର ତାଳଚେର ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି । ତାଳଚେର ଡେରା ଠାରେ ସାଂସଦ ଶ୍ରୀ ପାଣି ପହଞ୍ଚିବା ପରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ବିଜେପି ରେଳ ମଣ୍ଡଳ ସଭାପତି ସନ୍ତୋଷ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ସାଂସଦ ଶ୍ରୀ ପାଣି ଯୋଗଦେଇ ଦଳୀୟ ସଂଗଠନ ସୁଦୃଢ଼ ସହ ସରକାରଙ୍କ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ଯୋଜନା ଘରେ ଘରେ ପହଞ୍ଚାଇବା ଉପରେ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ବିଭିନ୍ନ ଗ୍ରାମରୁ ଆସିଥିବା କୋଇଲା ଖଣି କ୍ଷତିଗ୍ରସ୍ତ ଲୋକଙ୍କର ନିଯୁକ୍ତି ଓ ଥଇଥାନ ସମସ୍ୟାକୁ ଶୁଣି ଏମ୍‌ସିଏଲର ସିଏମଡି ଏବଂ ଅନ୍ୟାନ୍ୟ ଅଧିକାରୀଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏନ୍‌ଟିପିସିର କ୍ଷତିଗ୍ରସ୍ତ ପ୍ରଜାଙ୍କର ସମସ୍ୟା ଶୁଣି ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ । ବଁରପାଳ ଠାରୁ ଗୋଡ଼ିବନ୍ଧ ପର୍ଯ୍ୟନ୍ତ ଚାରି ଲାଇନ ଜାତୀୟ ରାଜପଥ କାର୍ଯ୍ୟ ଉପରେ ସମୀକ୍ଷା କରି ତ୍ୱରିତ ଭାବେ କାର୍ଯ୍ୟ କରିବାକୁ ଜାତୀୟ ରାଜପଥ ଅଧିକାରୀ ଆର୍‌ଓ ଏବଂ ପିଡିଙ୍କୁ ପରାମର୍ଶ ଦେଇଥିଲେ । ଲୋକଙ୍କ ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ, ଉପ ଜିଲ୍ଲାପାଳ, ତହସିଲଦାର ଓ ବିଡ଼ିଓଙ୍କ ସହ ଫୋନ୍ ଯୋଗେ କଥା ହୋଇଥିଲେ । ବିଜେପି କଣ୍ଢୋଳ ପଂଚାୟତ ପ୍ରମୁଖ ଅମିତ କୁମାର ଦାସଙ୍କର ପଞ୍ଚାୟତ ରାସ୍ତାର ଉନ୍ନତିକରଣ ସମ୍ବଳିତ ଜନସାଧାରଣଙ୍କର ଅଭିଯୋଗକୁ ଗୁରୁତର ସହ ନେଇ ଡ଼ିଏମ୍‌ଏଫ୍ ଫଣ୍ଡରୁ ରାସ୍ତା କାର୍ଯ୍ୟ କରାଯିବାକୁ ନେଇ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ । ସାଂସଦଙ୍କ ସହ ଜୋନାଲ୍ ମିଡ଼ିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ ଓ ବିଧାନସଭା ସଂଯୋଜକ ରତ୍ନାକର ସାହୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ବୃନ୍ଦାବନ ବେହେରା, ବରିଷ୍ଠ ନେତା ବରୁଣ ସାହୁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟା ମଞ୍ଜୁ ବେହେରା, ମଣ୍ଡଳ ସଭାପତି ମାନସ ରଞ୍ଜନ ସାହୁ, ଅଜୟ ସାହୁ ଓ ସନ୍ତୋଷ ମହାନ୍ତି, ସରପଞ୍ଚ ସହଦେବ ସାହୁ ଓ ନରେଶ ଚନ୍ଦ୍ର ବେହେରା, ପ୍ରାକ୍ତନ ସରପଞ୍ଚ ସୁନୀଲ ବିଶ୍ୱାଳ, ସୁଶାନ୍ତ ପ୍ରଧାନ, ପ୍ରାକ୍ତନ ସମିତି ସଦସ୍ୟା ସରୋଜିନୀ ବେହେରା, ବିଭୁତି ସାହୁ, ଗୋପାଳି ସାହୁ, ଉର୍ମିଳା ଦେହୁରୀ, ସାଂସଦଙ୍କ ମେଡିକାଲ କଲେଜ ପ୍ରତିନିଧି ସୁନୀଲ ପଟ୍ଟନାୟକ, ଜଗଦୀଶ ପ୍ରସାଦ ସିଂହ, ଶିବାନନ୍ଦ ଥମ୍ବ, ବିକାଶ ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ବିରୋଧରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ପ୍ରତିବାଦ




ଅନୁଗୋଳ,୧୬।୫(ସମିସ): ପେଟ୍ରୋଲ, ଡିଜେଲର କୃତ୍ରିମ ଅଭାବ ଓ କଳାବଜାର ଯୋଗୁଁ ପେଟ୍ରୋଲ ପମ୍ପରେ ଲମ୍ବା ସମୟ ଟାଣ ଖରାରେ ଠିଆ ହେବାପରେ ବି ତେଲ ନପାଇ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅବିଳମ୍ବେ ପେଟ୍ରୋଲ, ଡିଜେଲର କୃତ୍ରିମ ଅଭାବ, କଳାବଜାର ଓ ଦରବୃଦ୍ଧି ବନ୍ଦ କରିବା, ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାର ଅଭିଯୁକ୍ତମାନଙ୍କୁ କଠୋର ଦଣ୍ଡ ଦେବା, ଏନ୍‌ଟିଏ ବାତିଲ୍ କରିବା ଦାବିରେ ଆଜି ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ପକ୍ଷରୁ ରାଜା ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା କମିଟି ସଭ୍ୟ ନବକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ସଭ୍ୟ ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଜୟସେନ ମେହେର, ଜିଲ୍ଲା କମିଟି ସଭ୍ୟ ତୀର୍ଥବାସୀ ଭୋଇ, ମାନସ ପାଳ, ସଞ୍ଜୟ ସାହୁ, ରଣଜିତ ପ୍ରଧାନ, ପରମାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇ ଦରବୃଦ୍ଧି ଯୋଗୁ ବିଜେପିର ଡବଲ ଇଞ୍ଜିନ ସରକାରରେ ଜନସାଧାରଣ ଅତିଷ୍ଠ ହୋଇ ପଡିଲେଣି ବୋଲି ପ୍ରକାଶ କରିଥିଲେ । ତୁରନ୍ତ କଳାବଜାର ବନ୍ଦ କରି ପେଟ୍ରୋଲ, ଡିଜେଲ ଯୋଗାଣ ସ୍ୱାଭାବିକ କରିବାକୁ ସେମାନେ ଦାବି କରିଥିଲେ । ଏଥି ସହିତ ତିନି ବର୍ଷରେ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଦୁଇ ଥର ପ୍ରଶ୍ନ ପତ୍ର ଲିକ୍ ହେବା କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ଅପାରଗତା ବୋଲି ସେମାନେ ଅଭିଯୋଗ କରିଥିଲେ । ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳ କରୁଥିବା ଘରୋଇ ପରୀକ୍ଷା ପରିଚାଳନା ସଂସ୍ଥା ଏନ୍.ଟି.ଏ.କୁ ବାତିଲ କରିବାକୁ ମଧ୍ୟ ଦାବି କରିଥିଲେ । ପେଟ୍ରୋଲ, ଡିଜେଲର କଳାବଜାର ଓ ଦର ବୃଦ୍ଧି ବନ୍ଦ କରାନଗଲେ ବ୍ୟାପକ ଆନ୍ଦୋଳନର ଚେତାବନୀ ଦେଇ ପ୍ରତିବାଦ ସଭା ଶେଷ ହୋଇଥିଲ ।

● ଢେଙ୍କାନାଳ ପୌରପାଳିକା

# ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ନେଇ ହାଇକୋର୍ଟଙ୍କ ନୋଟିସ ଜାରି

ଢେଙ୍କାନାଳ, ୧୬।୫(ସମିସ): ସ୍ଥାନୀୟ ପୌରପାଳିକାରେ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ସହିତ ମନମୁଖୀ କାର୍ଯ୍ୟ ନେଇ ଏକ ରିଟ୍ ପିଟିସନ ଦାଖଲ ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ଓ କାର୍ଯ୍ୟାଦେଶକୁ ସ୍ଥଗିତାଦେଶ ଦାବି କରି ଦାଖଲ ହୋଇଥିବା ଅନ୍ତବର୍ତ୍ତୀକାଳୀନ ଆବେଦନକୁ ଅଦାଲତ ପକ୍ଷରୁ ଖାରଜ କରିଦେବା ସହ ପୌରପାଳିକା ଓ ବିପକ୍ଷ ପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି। ପୌରପାଳିକାର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁରଙ୍କ ସମେତ୧୦ ଜଣ କାଉନସିଲର ଉଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ହୋଇ ଏକ ପିଟିସନ ଦାଖଲ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୌରପାଳିକା ପକ୍ଷରୁ ଜାରି ହୋଇଥିବା ଟେଣ୍ଡର କଲ୍ ନୋଟିସ ନଂ. ୪୮୩, ଗତ ଫେବୃୟାରୀ ୧୭ରେ ବିଭିନ୍ନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ସହିତ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ନଥିବା ଦର୍ଶାଇବା ସହ ସରକାରୀ ଅର୍ଥର ବ୍ୟାପକ ଅବ୍ୟବସ୍ଥା ହେବାର ସମ୍ଭାବନା ରହିଛି। ପୌରପାଳିକାର ଉପାଧ୍ୟକ୍ଷ ଶ୍ରୀ କୁଅଁରଙ୍କ ସମେତ ୧୦ ଜଣ କାଉନସିଲର ଉକ୍ତ ଟେଣ୍ଡରକୁ ସମ୍ପୂର୍ଣ୍ଣ ବାତିଲ କରି ଓପିଡବ୍ଲ୍ୟୁଡି ନିୟମାନୁସାରେ ଇ-ପ୍ରକ୍ୟୁରମେଣ୍ଟ ମାଧ୍ୟମରେ ପୁନଃ ଟେଣ୍ଡର କରିବା ସହ ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏହି ମାମଲାର ଶୁଣାଣି କରି ବଚାରପତି ଭି. ନରସିଂହଙ୍କ ଖଣ୍ଡପୀଠ ରାଜ୍ୟ ସରକାର ଓ ପୌରପାଳିକା ସମେତ ବିପକ୍ଷ ପକ୍ଷମାନଙ୍କୁ ନୋଟିସ ଜାରି କରିଛନ୍ତି। କାର୍ଯ୍ୟର ୱାର୍କ ଅର୍ଡର ପୂର୍ବରୁ ଜାରି ହୋଇସାରିଥିବାରୁ ଟେଣ୍ଡର ପ୍ରକ୍ରିୟା ଓ କାର୍ଯ୍ୟାଦେଶକୁ ସ୍ଥଗିତାଦେଶ ଦାବି କରି ଦାଖଲ ହୋଇଥିବା ଅର୍ନ୍ତବର୍ତ୍ତୀକାଳୀନ ଆବେଦନ (ଆଇଏ)କୁ ଅଦାଲତ ପକ୍ଷରୁ ଖାରଜ କରାଯାଇଛି। ରାଜ୍ୟ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ମାମଲାଟିକୁ ଦାଖଲରେ ବିଳମ୍ବ ଓ ମଧ୍ୟବର୍ତ୍ତୀ ସମୟରେ କାର୍ଯ୍ୟାଦେଶ ଜାରି ହୋଇଥିବା ଯୁକ୍ତି ରଖିଥିବା ବେଳେ, ଆବେଦନକାରୀଙ୍କ ପକ୍ଷରୁ ମାତ୍ର ୱର୍କ ଅର୍ଡର ଜାରି ହୋଇଯିବା ଅନିୟମିତତାକୁ ବୈଧ କରିପାରିବ ନାହିଁ ବୋଲି ଦର୍ଶାଯାଇଥିଲା। ଏହି ମାମଲାଟିର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁନ ୨୯ରେ ହେବ।

# ବ୍ରାଉନ୍‌ସୁଗାର ବ୍ୟବସାୟୀ ଗିରଫ



ଢେଙ୍କାନାଳ,୧୬।୫(ସମିସ): ଟାଉନ ଥାନା ପୁଲିସ ବ୍ରାଉନ୍‌ସୁଗର ଜବତ କରିବା ସହିତ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ବ୍ରହ୍ମାନନ୍ଦ ସାହୁ। ଶୁକ୍ରବାର ସକାଳ ୬ଟା ୪୦ରେ ବ୍ରହ୍ମାନନ୍ଦଙ୍କ ନିକଟରୁ ୪.୪୨ ଗ୍ରାମ ବ୍ରାଉନସୁଗାର, ନଗଦ ୪୯ ହଜାର ୨୦୦ ଟଙ୍କା ଏବଂ ଏକ ମୋବାଇଲ ଫୋନ ଜବତ କରିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

# କୁମଙ୍କ ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

ପରଜଙ୍ଗ, ୧୬।୫(ସମିସ): ହାତରେ ଅସ୍ୱାଭାବିକ ଭାବେ ବଢୁଛି ମାଂସପେଶୀ। କାମଧନ୍ଦା କରିବା କଷ୍ଟକର ହୋଇପଡୁଛି। କୁମ ନାଏକ। କୁମ ଜଣେ ବିଧବା ମହିଳା ସାଙ୍ଗକୁ ଗରିବ ହୋଇଥିବାରୁ ଦୀର୍ଘବର୍ଷ ହେବ ହାତରେ ମାଂସପେଶୀ ବଢ଼ି ଯନ୍ତ୍ରଣା ହେଉଥିଲେ ମଧ ଚିକିତ୍ସା କରିପାରୁନାହାନ୍ତି। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ବେଳେ କୌଣସି ସୁଧାର ଆସୁନଥିବାରୁ ଉନ୍ନତ ଚିକିତ୍ସା ନିମନ୍ତେ ଅର୍ଥ ନଥିବାରୁ ଭଲ ଚିକିତ୍ସାଳୟକୁ ଯାଇପାରୁନାହାନ୍ତି। ଏନେଇ ରୋଡ ସରପଞ୍ଚ ବିଶ୍ୱଜିତ ନାୟକ ଜିଲ୍ଲା ପ୍ରଶାସନକୁ ସାମାଜିକ ଗଣମାଧ୍ୟମରେ କୁମଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି। ଏଥିପ୍ରତି



● ହାତରେ ଅସ୍ୱାଭାବିକ ଭାବେ ବଢୁଛି ମାଂସପେଶୀ

ଉନ୍ନତ ଚିକିତ୍ସା ଆବଶ୍ୟକ ଥିବାବେଳେ ଅର୍ଥ ସାଜିଛି ବାଧକ। ଫଳରେ ଏବେ ଚିନ୍ତାରେ ପରଜଙ୍ଗ ବ୍ଲକ ନୂଆରୋଡ ଗ୍ରାମର ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କୁ ଦୃଷ୍ଟି ଦେଇ ସହଯୋଗ କରିବାକୁ ଦାବି କରିଛନ୍ତି।

**୫୫ନଂ. ଜାତୀୟ ରାଜପଥରେ ଆତଙ୍କ**

# ଆକ୍ରମଣ କରି ବିଭିନ୍ନ ସାମଗ୍ରୀ ଲୁଟିନେଲେ ଦୁର୍ବୃତ୍ତ

ଢେଙ୍କାନାଳ, ୧୬।୫(ସମିସ)

ଢେଙ୍କାନାଳ ଜିଲ୍ଲାର କଣ୍ଟାବଣିଆ ଥାନା ଅନ୍ତର୍ଗତ ୫୫ ନଂ. ଜାତୀୟ ରାଜପଥରେ ଆତଙ୍କ ଖେଳାଇଛନ୍ତି ଦୁର୍ବୃତ୍ତ। କେତେକ ଦୁର୍ବୃତ୍ତ ଜନୈକ ବ୍ୟକ୍ତିଙ୍କୁ ଆକ୍ରମଣ କରି ବିଭିନ୍ନ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ବାଟୋଇମାନେ ଏଠାରେ ଯେକୌଣସି ସମୟରେ ଲୁଟେରାମାନଙ୍କର ଶିକାର ହେଉଛନ୍ତି। ୫୫ ନଂ. ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଲୁଟେରାମାନେ ମାରଣାସ୍ତ୍ର ଦେଖାଇ ବାଟୋଇ ମାନଙ୍କ ଠାରୁ ଟଙ୍କା, ମୋବାଇଲ, ସୁନା ଅଳଙ୍କାର ଆଦି ଲୁଟି ନେଉଛନ୍ତି। ବ୍ୟତିକ୍ରମ ହେଲେ ଧାରୁଆ ମାରଣାସ୍ତ୍ରରେ ଆକ୍ରମଣ କରି ଲହୁଲୁହାଣ କରୁଛନ୍ତି।

ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ଟାରେ ନିକଟସ୍ଥ ଏକ ଘରୋଇ କାରଖାନାରେ କାମ କରୁଥିବା ଗଦାଧର ସାହୁ ନାମକ ଜଣେ କର୍ମଚାରୀ କଣ୍ଟାବଣିଆ ଥାନା ଅନ୍ତର୍ଗତ ୫୫ ନଂ ଜାତୀୟ ରାଜପଥ ରେଳ ଓଭରବ୍ରିଜ ତଳେ ଥିବା ରେଙ୍ଗାଳି ଦକ୍ଷିଣପାର୍ଶ୍ୱ ମୁଖ୍ୟ କେନାଲକୁ ଶୌଚ ହେବାକୁ ଯାଇଥିଲେ। ହଠାତ ଦୁଇଜଣ ମୁଖାପିନ୍ଧା ଦୁର୍ବୃତ୍ତ ପହଞ୍ଚି ଗଦାଧରଙ୍କ ପାଖରେ ଥିବା



ମୋବାଇଲ ଓ ଟଙ୍କା ପଇସା ଯାହା ଅଛି ମାଗିଥିଲେ। ସେ ନଦେବାରୁ ଧାରୁଆ ଅସ୍ତ୍ରରେ ଗଦାଧରଙ୍କ ବାମ କାନ୍ଧକୁ ହାଣି ମୋବାଇଲ ଛଡ଼ାଇ ନେଇ ପଳାଇଥିଲେ। ଗଦାଧର କ୍ଷତକୁ ଗୋଟିଏ ହାତରେ ଚାପି ପାଖରେ ଥିବା କମ୍ପାନୀ ଫାଟକ ନିକଟକୁ ଦୌଡ଼ିଥିଲେ। କମ୍ପାନୀ ପକ୍ଷରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବଅଁରପାଳର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ଗୁରୁତର ଅବସ୍ଥାରେ ବର୍ତ୍ତମାନ ଗଦାଧରଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ପରିବାର ପକ୍ଷରୁ ତାଙ୍କ ପୁତୁରା ପ୍ରଦୀପ କୁମାର ସାହୁ କଣ୍ଟାବଣିଆ ଥାନାରେ ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି। ଗଦାଧର ନିକଟସ୍ଥ ଶିବପୁର ଗ୍ରାମର ଓ ସେ ପ୍ଲାଷ୍ଟୋକେମ ଇଣ୍ଡିଆ ପ୍ରାଇଭେଟ ଲିଃ ନାମକ ଏକ ଠିକା ସଂସ୍ଥାରେ ଗତକାଲି ବି ସିଫ୍ଟ ଡ୍ୟୁଟିରେ ଥିଲେ। କଣ୍ଟାବଣିଆ ଥାନା ସମେତ ୫୫ ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ପୁଲିସ ରାହାଜାନୀ ପ୍ରତି ଦୃଷ୍ଟି ଦେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

**ଖବର ପ୍ରକାଶ ପରେ ତତ୍ପରତା**

# ଫଳକରେ ରହିଲା ସାଂସଦଙ୍କ ନାମ

ଭୁବନ, ୧୬।୫(ସମିସ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ୧୫ ତମ ସାଧାରଣ କାଉନସିଲ ବୈଠକ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏନ୍‌ଏସି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ସାଂସଦ ପ୍ରତିନିଧି ଭାବେ ଭବାନୀ ଶଙ୍କର ବେହେରା ଓ ସମସ୍ତ କାଉନସିଲର ଯୋଗଦେଇଥିଲେ।







ଗୁଡିକର ଉଦଘାଟନୀ ଫଳକରେ ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ନାଁ ନଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଭିନ୍ନ ଚର୍ଚ୍ଚା ହୋଇଥିଲା ବେଳେ ସାଂସଦ ପ୍ରତିନିଧିଙ୍କ ନୀରବତା ଆଶ୍ଚର୍ଯ୍ୟ କରିଥିଲା। ଉଦଘାଟନୀ

ଏହି କାଉନସିଲ ବୈଠକ ପରେ ପ୍ରାୟ ୯ କୋଟି ଟଙ୍କାରେ ନିର୍ମିତ ବୁଦ୍ଧେଶ୍ୱର ମନ୍ଦିର ଓ ରଗଡ଼ି ଠାରେ ନିର୍ମିତ ବହୁମୁଖୀ ଭବନ, ସୁବିଧା କେନ୍ଦ୍ର, ମଳପଙ୍କ ଉପଚାର କେନ୍ଦ୍ର ଠାରେ ପ୍ରଶାସନିକ ବ୍ଲକ ଏବଂ କାଳୀବଜାର ଠାରେ 'ଆମ ପରମ୍ପରା, ଆମ ପରିଚୟ' ଦଶହରା ବଳଦ, କଂସା ପିତଳ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ ଉଦଘାଟନ କରାଯାଇଥିଲା। ପ୍ରକଳ୍ପ ଫଳକରେ ସାଂସଦ ଶ୍ରୀ ପାଣିଙ୍କ ନାମ ନଥିବା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଶାସକ ଦଳରେ ବ୍ୟାପକ ଚର୍ଚ୍ଚା, ଆଲୋଚନା ହେବା ସହିତ ରାଜନୈତିକ ମହଲରେ ତୀବ୍ର ସମାଲୋଚନା ହୋଇଥିଲା। ଏହି ଫଳକରେ ବର୍ତ୍ତମାନ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ନାମକୁ ସଂଶୋଧନ କରାଯାଇ ନୂତନ ଫଳକ ଲଗାଯାଇଛି।

# ସ୍କୁଟିକୁ ଧକ୍କା ଦେଲା ପିକଅପ୍; ଜଣେ ମୃତ

ପରଜଙ୍ଗ, ୧୬।୫(ସମିସ): ପରଜଙ୍ଗ ଥାନା ଦେଇ ଯାଇଥିବା ଭାଲୁମୁଣ୍ଡା-ଆଲୁଅଝରଣ ପୂର୍ତ୍ତ ରାସ୍ତା ବଡଜୋର ନିକଟରେ ଶନିବାର ମଧ୍ୟାହ୍ନରେ ଏକ ଦୁର୍ଘଟଣା ଘଟି ଜଣଙ୍କ ଜୀବନ ଯାଉଛି। ସ୍କୁଟିକୁ ପିକଅପ୍ ଭ୍ୟାନ୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ବସୋଇ ପଞ୍ଚାୟତ ରାହାବେରିଣୀ ଗ୍ରାମର ରଞ୍ଜିତ ବିଶ୍ୱାଳ (୫୨)। ସେ ଜଣେ ରାଜମିସ୍ତ୍ରୀ। ରଞ୍ଜିତ ଓ ତାଙ୍କ ସହଯୋଗୀ ଜସ୍ମିତା ଦେହୁରୀ (୨୪) କଟାବାହାଳ ଗ୍ରାମରୁ କାମ ସାରି ସ୍କୁଟି ଯୋଗେ ଘରକୁ ଫେରୁଥିବା ବେଳେ ଭାଲୁମୁଣ୍ଡା ଆଡୁ ସାଆନ୍ଦା ଆଡ଼କୁ ଆସୁଥିବା ଏକ ଦ୍ରୁତଗାମୀ ପିକଅପ୍ ଭ୍ୟାନ୍(ଓଡି୩୫ଏଚ୍-୪୫୩୫) ତାଙ୍କୁ ଧକ୍କା ଦେଇଥିଲା।

ଘଟଣାସ୍ଥଳରେ ସ୍କୁଟି ଗାଡି ଚାଳକ ରଞ୍ଜିତଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଘଟଣା ସ୍ଥଳରେ ସାଆନ୍ଦା ଫାଣ୍ଡି ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି। ଦୁର୍ଘଟଣା ପରେ ଚାଳକ ଫେରାର ହୋଇଯାଇଥିବା ବେଳେ ପିକଅପ୍ ଭ୍ୟାନ୍ ଏବଂ ସ୍କୁଟି ଗାଡ଼ି ଜବତ କରି ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

# ସାବିତ୍ରୀ ବ୍ରତ ପାଇଁ ମନ୍ଦିରରେ ଭିଡ଼

ଗଁଦିଆ, ୧୬।୫(ସମିସ): ଶନିବାର ଥିଲା ସାବିତ୍ରୀ ବ୍ରତ। ଶଙ୍ଖା, ସିନ୍ଦୂର ଶାଢ଼ି ସହ ହାତରେ ଫଳଭର୍ତ୍ତି ପାତ୍ର ପ୍ରଭୁଙ୍କ ନିକଟରେ ନୈବେଦ୍ୟ ସମର୍ପି ସ୍ୱାମୀଙ୍କ ଦୀର୍ଘ ଜୀବନି ପାଇଁ ପ୍ରାର୍ଥନା କରିବାକୁ ମନରେ ଇଚ୍ଛା ନେଇ ସକାଳୁ ସକାଳୁ ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ଲମ୍ବା ଲାଇନ ଲଗାଇଥିଲେ ବିବାହିତ ମହିଳାମାନେ।



ଗଁଦିଆରେ ଥିବା ବିଭିନ୍ନ ମନ୍ଦିର ପୀଠ ପରିସରରେ ଶତାଧିକଙ୍କ ମହିଳାଙ୍କ ବେଶ ଭିଡ଼ ଜମିଥିଲା। ସାବିତ୍ରୀ ବ୍ରତ ପାଇଁ କପିଳାସର ଚନ୍ଦ୍ରଶେଖର ବାବା, ବାଣିପଡ଼ା ର ସ୍ୱପ୍ନେଶ୍ୱର, କପିଳେଶ୍ୱରର ଦୋଡେଶ୍ୱର ମନ୍ଦିର, ରାମ ମନ୍ଦିର, ହନୁମାନ ମନ୍ଦିର ସହରଠୁ ଆରମ୍ଭ କରି ଗ୍ରାମାଞ୍ଚଳର ବିଭିନ୍ନ ମନ୍ଦିରରେ ମହିଳାଙ୍କ ଭିଡ଼ ଜମିଥିଲା।

# ବ୍ରଜନାଥ ବଡ଼ଜେନା ଯୁବକ ସଙ୍ଘ ପକ୍ଷରୁ ଜଳଛତ୍ର



ଗଁଦିଆ, ୧୬।୫(ସମିସ): କାବରାର ବ୍ରଜନାଥ ବଡ଼ଜେନା ଯୁବକ ସଙ୍ଘ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ମୁଖ୍ୟ ଅତିଥି ଭାବେ ଯୋରନ୍ଦା ଫାଣ୍ଡି ଅଧିକାରୀ ମାଗୁଣି କୁମାର ଗଡ଼ନାୟକ ଓ ସମ୍ମାନିତ ଅତିଥି ଭାବେ ପ୍ରକାଶ ଚନ୍ଦ୍ର ସାହୁ, ଗ୍ରାମ ସଭାପତି ବ୍ରହ୍ମାନନ୍ଦ ନାୟକ ଯୋଗ ଦେଇଥିଲେ। ଯୁବଗୋଷ୍ଠୀର ମନୋଜ କୁମାର ମହାନ୍ତି, ବିଶ୍ୱଜିତ ମହାନ୍ତି, ମନମୋହନ ସାହୁ, କୈଳାସ ମଳିକ, ସୌମ୍ୟାଶ୍ରୀ ମଳିକ, ପ୍ରିୟବ୍ରତ ସାହୁ, ରମେଶ ମହାରଣା, ଉପେନ୍ଦ୍ର ଦାସ, ବିଶ୍ୱ ପ୍ରକାଶ ଦାସ, ବନୋଜ କୁମାର ମହାନ୍ତି, ସନ୍ତୋଷ କୁମାର ରାଉତ, ତ୍ରିଲୋଚନ ନାୟକ, ଦେବୀ ମହାନ୍ତି ଓ ସ୍ମିତିରଞ୍ଜନ ଦାସ ପ୍ରମୁଖ ଜଳଦାନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଏହି ଜଳଛତ୍ର କାର୍ଯ୍ୟକ୍ରମ ପ୍ରତି ଶନିବାର ଚାଲୁ ରହିବ ବୋଲି ଯୁବକ ସଙ୍ଘ ସଭାପତି ମନୋଜ କୁମାର ସେଠି ସୂଚନା ଦେଇଥିଲେ।

# ବିଭାରଣୀଙ୍କୁ ଜାତୀୟ ଯୁବ ସମ୍ମାନ

ଢେଙ୍କାନାଳ, ୧୬।୫(ସମିସ): ଆନ୍ତର୍ଜାତୀୟ ମହିଳା ପର୍ବତାରୋହୀ ସୁଶ୍ରୀ ବିଭାରାଣୀ ପାତ୍ରଙ୍କୁ ଜାତୀୟ ଯୁବ ସମ୍ମାନ ପ୍ରଦାନ କରାଯାଇଛି। ଏହା ପ୍ରୋଜେକ୍ଟ ପଏଣ୍ଟ ଏବଂ ମାଇଁ ଭାରତ ଦ୍ୱାରା ଆୟୋଜିତ ଜାତୀୟ ଯୁବ ନେତୃତ୍ୱ ସମ୍ମିଳନୀ ଓ ସମ୍ମାନ-୨୦୨୬ ଦିଲ୍ଲୀସ୍ଥିତ ବିଶ୍ୱ ଯୁବକ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଶ୍ରୀଲଙ୍କା କମିଶନର ମହାଶିନି କଲୋନ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ରହି



ବିଭାରଣୀ ପାତ୍ରଙ୍କୁ ମାନପତ୍ର, ଉପଢୌକନ ଓ ଫଳକ ଦେଇ ସମ୍ମାନୀତ କରିଥିଲେ। ଏଥିରେ ୫ ଦେଶ, ୨୩ ରାଜ୍ୟରୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୪୦ ଜଣ ଯୁବ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଛି। ବିଭାରାଣୀ ମେରାମଣ୍ଡଳୀ ବଜାର ବ୍ୟବସାୟୀ ବିଷ୍ଣୁ ପ୍ରସାଦ ପାତ୍ର ଓ ବିଦ୍ୟୁତ୍ ପ୍ରଭା ପାତ୍ରଙ୍କ ଜ୍ୟେଷ୍ଠ କନ୍ୟା।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

ଢେଙ୍କାନାଳ, ୧୬।୫(ସମିସ): ସଦରଥାନା ଅନ୍ତର୍ଗତ ଏକ ଗ୍ରାମରେ ପୁଣି ଏକ ଲଜ୍ଜାଜନକ ଘଟଣା ଦେଖିବାକୁ ମିଳିଛି। ଝିଅଟିର ପିତାଙ୍କ ଦେହାନ୍ତ ପରେ ତାର ମା' ଅନ୍ୟ ଏକ ପୁରୁଷ ବନ୍ଧୁଙ୍କ ସହିତ ଦୀର୍ଘଦିନ ଧରି ଶାରୀରିକ ସମ୍ପର୍କ ରଖି ଆସୁଛନ୍ତି।



ଘରେ କେହି ନଥିବାବେଳେ ସେହି ପୁରୁଷ ଜଣକ ଝିଅଟିକୁ ଏକାକୀ ପାଇ ଦୁଷ୍କର୍ମ କରିବାବେଳେ ସେ ଚିତ୍କାର କରି ଭୟରେ ଦୌଡ଼ି ଗ୍ରାମର ଆଶାଦିଦିଙ୍କ ନିକଟରେ ପହଞ୍ଚି ସମସ୍ତ ଘଟଣା କହିଥିଲେ। ଝିଅଟି ଭୟରେ ନିଜ ଘରକୁ ଫେରିବାକୁ ମନା କରିବାରୁ ଆଶାଦିଦି ଝିଅଟିକୁ ବୁଝାସୁଝା କରି ନିଜ ପାଖରେ ଆଶ୍ରୟ ଦେଇଥିଲେ। ଘଟଣା ପରଦିନ ବିଶ୍ୱ ଯୁବକେନ୍ଦ୍ରର କାଉନସିଲ୍‌ର ମନସ୍ମିତା ନାୟକ, କୁମୁଦିନୀ ସ୍ୱାଇଁ ଏବଂ ସଦର ପୁଲିସ ସହାୟତାରେ ଝିଅଟିକୁ ଉଦ୍ଧାର କରି ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ସଦର ପୁଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଜନଆକ୍ରୋଶ ମହିଳା ପଦଯାତ୍ରା

ଭୁବନ, ୧୬।୫(ସମିସ): ଭୁବନ ବ୍ଲକ ମହୁଲପାଳ ବିଜେପି ମଣ୍ଡଳ ପକ୍ଷରୁ ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ୪ଟି ପଞ୍ଚାୟତର ମହିଳାମାନେ ହାତରେ ପ୍ଲା-କାର୍ଡ ଧରି ବିଭିନ୍ନ ନାରାବାଜି କରି ଗ୍ରାମ ପରିକ୍ରମା କରିଥିଲେ। ତେବେ ୩୩ ପ୍ରତିଶତ ଅଧିକାର ପାଇଁ ନାରୀଶକ୍ତି ଗ୍ରାମେ ଗ୍ରାମେ ଜାଗ୍ରତ ହୋଇ ଉଠିଥିବା ଦେଖିବାକୁ ମିଳିଥିବା ବେଳେ ଆଗାମୀ ଦିନରେ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ମହିଳାମାନେ ମତ ପ୍ରକାଶ କରିଥିଲେ। ତେବେ ଏହି ପଦଯାତ୍ରା ମହିଳା ମୋର୍ଚ୍ଚା ସଭାନେତ୍ରୀ ମଞ୍ଜୁଶ୍ରୀ ଆଏଚ, ସରୋଜିନୀ ଦ୍ୱିବେଦୀ, ବସନ୍ତ ମଞ୍ଜୁରୀ ତରାଇ ଓ ଲିଲ୍ଲୀପ୍ରଭା ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ୫ଶହରୁ ଅଧିକ ମହିଳା ସାମିଲ ହୋଇଥିଲେ। ବିଜେପି ପକ୍ଷରୁ ଭୁବନ ମହୁଲପାଳ ମଣ୍ଡଳ ସଭାପତି ଅଶୋକ ଦତ୍ତ ଓ ଚୈତନ୍ୟ ବେହେରା ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।

**ଆଇଆଇଏମ୍‌ସିରେ ଓଆଇଏସ୍ ଅଧିକାରୀଙ୍କ ତାଲିମ ଶିବିର ଉଦଯାପିତ**

# 'ଅଧିକାରୀ ତାଲିମ ପାଇଥିବା ବିଷୟକୁ କାର୍ଯ୍ୟରେ ପ୍ରତିଫଳିତ କରନ୍ତୁ'

ପରଜଙ୍ଗ, ୧୬।୫(ସମିସ)

ସ୍ଥାନୀୟ ଆଇଆଇଏମସିରେ ଓଡ଼ିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କର ଦ୍ୱିତୀୟ ବ୍ୟାଚର ୧୦ ଦିବସୀୟ ତାଲିମ ଓ ମାର୍ଗଦର୍ଶକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପ୍ରତିଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଅଧ୍ୟକ୍ଷତା କରି କହିଲେ ଯେ, ଅଧିକାରୀମାନେ ଯାହା ଆଇଆଇଏମ୍‌ସି ଢେଙ୍କାନାଳରୁ ଶିକ୍ଷା ନେଇ ଯିବେ ସେସବୁକୁ ନିଜର କ୍ଷେତ୍ରୀୟ ପରିସରରେ ବ୍ୟବହାର କରିବେ ବୋଲି ଆଶା କରୁଛୁ। ଆମେମାନେ ଓଡ଼ିଶା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ସହିତ ଏକ ସୁସ୍ଥ ସମ୍ପର୍କ ଆରମ୍ଭ କରିଛୁ। ଆପଣମାନେ ଆପଣମାନଙ୍କ ଜିଲ୍ଲାରେ କିଛି କିଛି ଅଭିନବ ପ୍ରୟାସ କରି ସରକାରଙ୍କ ଯୋଜନା ବିଷୟରେ ତୃଣମୂଳସ୍ତରରେ ରହିଥିବା ବ୍ୟକ୍ତିବିଶେଷଙ୍କ ନିକଟରେ ସୂଚନା ପହଞ୍ଚାଇପାରି ଏକ ସଫଳ ଅଧିକାରୀ ହୋଇପାରିବେ। ଆଇଆଇଏମସିର କୁଳପତି ଡ଼. ପ୍ରଜ୍ଞା ପାଲିୱାଲ ଗୌର ମୁଖ୍ୟ



ଅତିଥି ଭାବେ ଯୋଗ ଦେଇ କହିଲେ ନବନିଯୁକ୍ତ ସୂଚନା ଅଧିକାରୀମାନେ ସର୍ବଦା ବିଶ୍ୱାସନିୟତାର ସହିତ କାର୍ଯ୍ୟ କରିବା ଉଚିତ। ଆଇଆଇଏମ୍‌ସି ଦିଲ୍ଲୀ ଯେମିତି ଯୋଗାଯୋଗ କ୍ଷେତ୍ରରେ ଏକ କେନ୍ଦ୍ରୀୟ ତାଲିମ ପ୍ରତିଷ୍ଠାନ ରୂପେ ନିଜକୁ ଗଢି ତୋଳିଛି ଠିକ ସେମିତି ଆଇଆଇଏମସି ଢେଙ୍କାନାଳ ମଧ ଓଡ଼ିଶାରେ ସୂଚନା ଏବଂ ଲୋକସମ୍ପର୍କ କ୍ଷେତ୍ରରେ ଏକ ତାଲିମ ପ୍ରତିଷ୍ଠାନ ରୂପେ ଗଢି ଉଠିଛି। ଏହା ଆଇଆଇଏମସି କୁଳପତି ଭାବରେ ମୋ ପାଇଁ ଏକ ଗୌରବର ବିଷୟ। ଏହି ତାଲିମ ଶିବିର ୫ମଇ ଠାରୁ ଆରମ୍ଭ ହୋଇ ୧୫ମଇ ପର୍ଯ୍ୟନ୍ତ ଚାଲିଥିଲା। ଏହି ଶିବିରରେ ଅଧିକାରୀମାନଙ୍କୁ ପ୍ରେସ ବିଜ୍ଞପ୍ତି ଲେଖନୀ ଶୈଳୀ, ଜିଲ୍ଲା ସ୍ତରରେ ଜନସମ୍ପର୍କ ପରିଚାଳନା, ସରକାରୀ ଜନକଲ୍ୟାଣ ଯୋଜନାର ସଫଳ କାହାଣୀ ଲୋକଙ୍କ ପାଖରେ କିପରି ସରଳ ଭାଷାରେ ପହଞ୍ଚାଇବା, ସଙ୍କଟ ସମୟରେ ଯୋଗାଯୋଗର ଭୂମିକା, କୃତିମ ବୁଦ୍ଧିମତାର ପ୍ରୟୋଗ ଏବଂ ଇଭେଣ୍ଟ ମ୍ୟାନେଜମେଣ୍ଟ ଇତ୍ୟାଦି ବିଷୟ ଗୁଡିକରେ ତାଲିମ ଏବଂ ଶିକ୍ଷା ଦିଆଯାଇଥିଲା। ପ୍ରଫେସର ପ୍ରଧାନ ନୂଆ କୋର୍ସ ଆରମ୍ଭ କରିବାରେ, ଇନକ୍ୟୁବେସନ ସେଣ୍ଟର ନିର୍ମାଣ କରିବାରେ ଏବଂ ଟ୍ରେନିଂ ପ୍ରୋଗ୍ରାମ ଆୟୋଜନ କରିବା ପାଇଁ ସବୁ ପ୍ରକାର ସହାୟତା ଏବଂ ସମର୍ଥନ ଦେଇଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍ଥାନର ଓଏସଡ଼ି ଡ଼. ସତ୍ୟ ନାରାୟଣ ପଟ୍ଟନାୟକ ମଧ ଏହି ଅଧିବେଶନରେ ଯୋଗ ଦେଇଥିଲେ।

ଏହି ଅବସରରେ ଟ୍ରେନିଂ ଅଧିକାରୀମାନେ ସେମାନଙ୍କର ତାଲିମ ଅନୁଭୂତି ସମ୍ପର୍କରେ ନିଜର ମତାମତ ଉପସ୍ଥାପନା କରିଥିଲେ। ପରେ ଅଫିସର ମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୁଳପତି ଡ଼. ଗୌର ତାଙ୍କର ଏହି ଗସ୍ତ ସମୟରେ ଆଇଆଇଏମସି ଢେଙ୍କାନାଳରେ ଚାଲିଥିବା ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟଗୁଡିକ ପରିଦର୍ଶନ କରିଥିଲେ।ସହଯୋଗୀ ପ୍ରଫେସର ଆଭା ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଆଇଆଇଏମସିର ଇଂରାଜୀ ବିଭାଗ ର ଆସିଷ୍ଟାଣ୍ଡ ପ୍ରଫେସର ଡ଼ଃ ବିରଞ୍ଚି ନାରାୟଣ ସେଠ୍ ଧନ୍ୟବାଦ ଜ୍ଞାପନ କରିଥିଲେ। ଓଡିଆ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ଼ଃ ଚିରସ୍ରୋତା ଜେନା ଏବଂ କର୍ପୋରେଟ କମ୍ୟୁନିକେଶନ ଆଣ୍ଡ ବ୍ରାଣ୍ଡ ମ୍ୟାନେଜମେଣ୍ଟର ଆସିଷ୍ଟାଣ୍ଡ ପ୍ରଫେସର ପାରସ ଯାଦବ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

● ଜାତୀୟ ଡେଙ୍ଗୁ ଦିବସ

# ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଢେଙ୍କାନାଳ, ୧୬।୫(ସମିସ): ଜାତୀୟ ଡେଙ୍ଗୁ ଦିବସ ଅବସରରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ପକ୍ଷରୁ ଖଲିବେରଣା କମ୍ୟୁନିଟି ସେଣ୍ଟରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ପରୀପ୍ରେକ୍ଷୀରେ "ଡେଙ୍ଗୁ ନିୟନ୍ତ୍ରଣ ଦିଗରେ ସାଧାରଣ ଲୋକଙ୍କ ଭାଗୀଦାରି: ଚେକ୍, କ୍ଲିନ୍ ଆଣ୍ଡ କଭର" ଶୀର୍ଷକରେ ଏକ ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ୩୭ ଜଣ ସଦସ୍ୟ ଯୋଗଦେଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଓ ଆଗଧାଡିର କର୍ମୀମାନେ ଯୋଗଦେଇ ଡେଙ୍ଗୁ ସଚେତନତା, ପ୍ରତିରୋଧ ଓ ସ୍ଥାନୀୟ ଲୋକଙ୍କ ସହଯୋଗରେ କିପରି ମଶା ବଂଶବୃଦ୍ଧି ରୋକିହେବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଏଡିପିଏଚଓ, ଭେକ୍ଟର ବର୍ଣ୍ଣ ଡିଜିଜେସ୍ ଡା. ହିମାଂଶୁ ଶେଖର ହେମ୍ବ୍ରମ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ କମ୍ୟୁନିଟି ହେଲ୍‌ଥ ଅଫିସର ସୁନୀତା ବେହେରା, ଜିଲ୍ଲା ଭିବିଡି କନସଲଣ୍ଟାଟ କବୀର କୁମାର ସ୍ୱାଇଁ, ଭିବିଡି ଟିଏସ୍, ସିଏଚ୍‌ସି ଖଜୁରିଆକୋଟ ସୁନୀଲ କୁମାର ମହାପାତ୍ର, ଖଜୁରିଆକଟା ବିପିଏମ୍ ପ୍ରିୟଦର୍ଶିନୀ ସାହୁ ଏବଂ ସୁପରଭାଇଜର ଗଣେଶ୍ୱର ବିଶ୍ୱାଳ ଉପସ୍ଥିତ ଥିଲେ। ଏ ନେଇ ଖାଲିବେରଣା ଗ୍ରାମରେ ଏକ ସଚେତନତା ରାଲି ଆୟୋଜନ କରାଯାଇଥିଲା। ଆଶା କର୍ମୀ, ଏଏନଏମ୍, ଅଙ୍ଗନବାଡି କର୍ମୀ ଓ ସ୍ଥାନୀୟ ଲୋକମାନେ ଅଂଶଗ୍ରହଣ କରି ଡେଙ୍ଗୁ ପ୍ରତିରୋଧ ଓ ସ୍ୱଚ୍ଛତା ବାର୍ତ୍ତା ପ୍ରଚାର କରିଥିଲେ। ଏଥିସହ ଜିଲ୍ଲା ଭିବିଡି ଅଧିକାରୀଙ୍କ ଦ୍ୱାରା ମଶା ବଂଶବୃଦ୍ଧି ରୋକିବା ଓ ଘର ଆଖପାଖରେ ମଶା ବଢୁଥିବା ସ୍ଥାନଗୁଡିକୁ ଚିହ୍ନଟ କରିବା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା।

